# NATIONAL NEWS BULLETIN (ODIA)

**12 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବାଣିଜ୍ୟ ଓ ପ୍ରତିରକ୍ଷା ସମେତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଗୁଜରାଟର ଗାନ୍ଧିନଗରସ୍ଥିତ ମହାତ୍ମା ମନ୍ଦିରରେ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ମୋଦୀ ଓ ଜର୍ମାନ୍ ଚାନ୍ସେଲର ଫ୍ରେଡରିକ୍ ମର୍ଜ

- ଜାତୀୟ ଯୁବ ଦିବସ ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ଭାରତର ମତ୍ସ୍ୟ ଉତ୍ପାଦନ ଗତ ଏକଦଶନ୍ଧିରେ ୧୦୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିବା ସୂଚନା

- କରୁର୍ ଦଳାଚକଟା ଘଟଣାରେ ସିବିଆଇ ଆଗରେ ହାଜର ହେଲେ ତାମିଲଗା ଭେଟ୍ରୀ କଜଗମ୍ ଦଳର ମୁଖ୍ୟ ତଥା ଅଭିନେତା ବିଜୟ

ଏବଂ

- ମହିଳା ପ୍ରିମିୟର ଲିଗ୍‌ର ଆଜି ପଞ୍ଚମ ମ୍ୟାଚ୍‌ରେ ରୟାଲ୍‌ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ଭେଟିବ ୟୁପି ୱାରିଅର୍ସ

## ପିଏମ୍-ଜର୍ମାନ୍ ଚାନ୍ସେଲର

ଗୁଜରାଟର ଗାନ୍ଧିନଗରସ୍ଥିତ ମହାତ୍ମା ମନ୍ଦିରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜର୍ମାନ ଚାନ୍ସେଲର ଫ୍ରେଡରିକ୍ ମର୍ଜଙ୍କ ମଧ୍ୟରେ

ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜର୍ମାନ ଚାନ୍‌ସେଲର ଶ୍ରୀ ମର୍ଜ ପ୍ରଥମଥର ପାଇଁ ସରକାରୀ ଗସ୍ତରେ ଭାରତ ଆସିଥିବା ବେଳେ ଉଭୟ ନେତା ବିଭିନ୍ନ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ଆଲୋଚନା କରିଛନ୍ତି । ଏହି ଅବସରରେ ରଣନୈତିକ ସହଭାଗିତାରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସଂପର୍କରେ ବୈଠକରେ ଆଲୋଚନା ହୋଇଛି ଏବଂ ଏହା ୨୫ ବର୍ଷ ପୂରଣ କରିଛି ।

**V/O (PM Modi on 25 Years)**

ଦ୍ୱିପାକ୍ଷିକ ଆଲୋଚନାରେ ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ସ୍ଥାୟୀ ବିକାଶ, ବିଜ୍ଞାନ ଏବଂ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପର୍କିତ ପ୍ରସଙ୍ଗ ସ୍ଥାନ ପାଇଥିଲା । ଉଭୟ ନେତା ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଦୃଷ୍ଟିକୋଣ ଆଦାନପ୍ରଦାନ କରିବା ପାଇଁ ସହମତି ପ୍ରକାଶ କରିଥିଲେ ।

**V/O (PM Modi on Strategic)**

ଉଭୟ ନେତା ଆଜି ସକାଳେ ସାବରମତୀ ଆଶ୍ରମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ମହାତ୍ମା ଗାନ୍ଧୀଙ୍କ ବାସଭବନ 'ହୃଦୟକୁଞ୍ଜ' ପରିଦର୍ଶନ କରିଥିଲେ ଓ ଚରଖାରେ ସୂତାକାଟିବାର ପାରମ୍ପରିକ ପ୍ରକ୍ରିୟା ଦେଖିଥିଲେ । ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ପ୍ରତି ଅଟଳ ପ୍ରତିବଦ୍ଧତାକୁ ଉଭୟ ନେତା ସମ୍ମାନ ଜଣାଇଥିଲେ । ଜର୍ମାନ ଚାନ୍‌ସେଲର ପରିଦର୍ଶକ ପୁସ୍ତକରେ ଉଲ୍ଲେଖ କରିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଦୃଢ଼ ବିଶ୍ୱାସ ସମସ୍ତଙ୍କ ପାଇଁ ପ୍ରେରଣା ଭାବରେ କାର୍ଯ୍ୟ କରୁଛି । ଭାରତ ଏବଂ ଜର୍ମାନ ଲୋକଙ୍କ ମଧ୍ୟରେ ସହଭାଗୀ ମାନବୀୟ ଐତିହ୍ୟ ବନ୍ଧୁତାର ସେତୁ ଭାବରେ କାର୍ଯ୍ୟ କରୁଥିବା ସେ କହିଛନ୍ତି । ଶ୍ରୀ ମୋଦୀ ଏବଂ ଶ୍ରୀ ମର୍ଜ ଅହମ୍ମଦାବାଦର ସାବରମତୀ ନଦୀକୂଳରେ ଅନ୍ତର୍ଜାତୀୟ ଗୁଡ଼ି

ମହୋତ୍ସବରେ ଅଂଶ ଗ୍ରହଣ କରିଥିଲେ । ଏହି ୩ ଦିନିଆ ମହୋତ୍ସବରେ ୫୦ଟି ରାଷ୍ଟ୍ରର ୧୩୫ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ଗୁଜରାଟ ସମେତ ବିଭିନ୍ନ ରାଜ୍ୟର ୯୦୦ ଜଣ ପ୍ରତିଯୋଗି ଭାଗ୍ ନେଇଛନ୍ତି । ଚଳିତବର୍ଷ ଅପରେସନ ସିନ୍ଦୂର ଆଧାରିତ ଗୁଡ଼ି ଲୋକମାନଙ୍କ ମଧ୍ୟରେ କୌତୂହଳ ସୃଷ୍ଟି କରିଛି।

# ପିଏମ୍-ୟୁଥ୍ ଡେ

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ଜାତୀୟ ଯୁବ ଦିବସ ପାଳନ କରାଯାଉଛି । ୧୯୮୪ ମସିହାରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନ ଅର୍ଥାତ୍ ଜାନୁଆରୀ ୧୨ ତାରିଖକୁ ଜାତୀୟ ଯୁବ ଦିବସ ଭାବେ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ । ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ଚଳିତବର୍ଷ ନିଜକୁ ସକ୍ରିୟ କରିବା, ବିଶ୍ୱକୁ ପ୍ରଭାବିତ କରିବା ବାର୍ତ୍ତା ନେଇ ଜାତୀୟ ଯୁବ ଦିବସ ପାଳନ କରାଯାଉଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ସ୍ୱାମୀ ବିବେକାନନ୍ଦ ଜଣେ ଦୂରଦୃଷ୍ଟିସମ୍ପନ୍ନ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଥିଲେ, ଯାହାଙ୍କର ଅନ୍ତର୍ଦୃଷ୍ଟି ଓ ମାନବଜାତି ପ୍ରତି ସେବା ଜୀବନର ଅର୍ଥ ବଦଳାଇ ଦେଇଥିଲା । ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ସ୍ୱାମୀ ବିବେକାନନ୍ଦ ଭାରତର ବୌଦ୍ଧିକ ଜ୍ଞାନ ସହ ବିଶ୍ୱକୁ ପରିଚିତ କରାଇଥିଲେ । ଦେଶ ଗଠନରେ ଯୁବକମାନଙ୍କ ଭୂମିକାକୁ ପ୍ରେରଣା ଦେବା

ସହ ତାଙ୍କ ଶିକ୍ଷା ପ୍ରତ୍ୟେକ ପିଢ଼ିକୁ ପ୍ରେରଣା ଯୋଗାଉଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ଏନ୍‌କ୍ଲେଭ୍‌ରେ ସ୍ୱାମୀ ବିବେକାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ତାଙ୍କ ଜୀବନୀ ଓ ଶିକ୍ଷା ଆତ୍ମିକ ଦୃଢ଼ତା, ଆତ୍ମସଂଯମତା ଏବଂ ନିଃସ୍ୱାର୍ଥପର ସେବାର ପ୍ରତିଫଳନ ଅଟେ । ସେ କହିଛନ୍ତି ଯୁବପିଢ଼ିଙ୍କ ମଧ୍ୟରେ ଦେଶ ବିକାଶର ଭାବନା ଜାଗରୁକ କରିବା କ୍ଷେତ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରେରଣା ଅତ୍ୟନ୍ତ ଯୁଗୋପଯୋଗୀ । ତାଙ୍କ ଆଦର୍ଶ ପ୍ରତ୍ୟେକ ପିଢ଼ି ପାଇଁ ଆଲୋକବର୍ତ୍ତିକା ହୋଇ ରହିବ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ଭାରତର ଯୁବଶକ୍ତିକୁ ବିବେକାନନ୍ଦଙ୍କ ଶିକ୍ଷା ଓ ଆଦର୍ଶ ପ୍ରେରଣା ଯୋଗାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟାବଳୀ ବିକଶିତ ଭାରତର ପ୍ରତ୍ୟେକଟି ପଦକ୍ଷେପରେ ନୂତନ ଶକ୍ତି ଯୋଗାଉଛି ।

ଜାତୀୟ ଯୁବଦିବସ ଅବସରରେ ପ୍ରଧାନମନ୍ତ୍ରୀ' ବିବେକାନନ୍ଦଙ୍କ ଆଦର୍ଶ ସମସ୍ତଙ୍କ ମଧ୍ୟରେ ନୂଆ ସଂକଳ୍ପ ଓ ଆତ୍ମବିଶ୍ୱାସ ଭରିଦେଉ ବୋଲି ଆଶା ପ୍ରକାଶ କରିଛନ୍ତି ।

**V/O (PM- Vivekananda)**

ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀରେ ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା ୨୦୨୬ର ଉଦ୍‌ଯାପନୀ ସମାରୋହରେ ଅଂଶ ଗ୍ରହଣ

କରିବେ । ଏଥିରେ ଯୋଗଦେଇଥିବା ପ୍ରବାସୀ ଭାରତୀୟ ପ୍ରତିନିଧିଙ୍କ ସମେତ ୩ ହଜାରରୁ ଅଧିକ ଯୁବକ ଯୁବତୀଙ୍କ ସହ ଶ୍ରୀ ମୋଦୀ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ୧୦ଟି ପ୍ରସଙ୍ଗ ଆଧାରରେ ମନୋନୀତ ଅଂଶଗ୍ରହଣକାରୀ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ନିଜର ଚିନ୍ତାଧାରା ଉପସ୍ଥାପନା କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଲୋଚନାର ପ୍ରବନ୍ଧ ସଂକଳନ ପ୍ରକାଶ କରିବେ ।

ଜାତୀୟ ଯୁବଦିବସ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି ସ୍ୱାମୀଜୀଙ୍କ ବାର୍ତ୍ତା 'ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିବା ଉଚିତ' ଦେଶର ଯୁବପିଢ଼ିଙ୍କ ମଧ୍ୟରେ କର୍ତ୍ତବ୍ୟ ଏବଂ ଦେଶପ୍ରେମ ଭାବନା ଜାଗ୍ରତ କରିଛି । ଏହା ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ଦିଗରେ ଦେଶବାସୀଙ୍କ ପାଇଁ ପ୍ରେରଣାଦାୟୀ ମନ୍ତ୍ର ସାବ୍ୟସ୍ତ ହୋଇଛି । ଶ୍ରୀ ଶାହା କହିଛନ୍ତି, ସ୍ୱାମୀ ବିବେକାନନ୍ଦ ଦେଶର ଯୁବପିଢ଼ିଙ୍କୁ ଭାରତୀୟ ଜ୍ଞାନ ବ୍ୟବସ୍ଥା, ପରମ୍ପରା, ଦର୍ଶନ ଏବଂ ଆଧ୍ୟାତ୍ମିକତାକୁ ବିଶ୍ୱ ମଞ୍ଚରେ ପହଞ୍ଚାଇବା ଲାଗି ଦିଗ୍‌ଦର୍ଶନ ଦେଇଛନ୍ତି ।

## ଗଭ୍-ଫିସ୍ ପ୍ରଡକ୍ସନ

ଦେଶରେ ମତ୍ସ୍ୟ ଉତ୍ପାଦନ ୨୦୨୪-୨୫ ଆର୍ଥିକବର୍ଷରେ ୧୯୮ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି । ୨୦୧୩-୧୪ ଆର୍ଥିକବର୍ଷରେ ଏହି ପରିମାଣ ୯୫ ଲକ୍ଷ ଟନ୍ ଥିଲା । ମତ୍ସ୍ୟ ଉତ୍ପାଦନରେ ୧୦୬ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଥିବା କେନ୍ଦ୍ର ମତ୍ସ୍ୟ, ପଶୁସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଦେଶର ଅର୍ଥନୈତିକ ବିକାଶରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରଣାଳୟ କହିବା ସହ ଦେଶର ପ୍ରାୟ ୩ କୋଟିରୁ

ଅଧିକ ମତ୍ସ୍ୟଜୀବୀ ପରିବାର ଏହା ଉପରେ ନିର୍ଭର କରନ୍ତି ବୋଲି କୁହାଯାଇଛି । ବିଶ୍ୱର ଦ୍ୱିତୀୟ ବୃହତ୍ ମତ୍ସ୍ୟ ଉତ୍ପାଦନକାରୀ ଦେଶ ଭାବେ ଭାରତର ୮ ପ୍ରତିଶତ ଅବଦାନ ରହିଛି । ୨୦୧୪-୧୫ ଆର୍ଥିକବର୍ଷ ପରଠାରୁ ୩୨ ହଜାର ୭୨୩ କୋଟି ଟଙ୍କା ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବିନିଯୋଗ କରାଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

# ପିଏମ୍-ପ୍ରଗତି-ସ୍ପେଶାଲ୍ ଷ୍ଟୋରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଶାସନ ଏବଂ ସମୟୋପଯୋଗୀ ପଦକ୍ଷେପ ପାଇଁ ଉଦ୍ଦିଷ୍ଟ ପ୍ରଗତି ପ୍ଲାଟ୍‌ଫର୍ମ ଏହାର ୫୦ତମ ବୈଠକ ଶେଷ କରିଛି । ୨୦୧୫ ରେ ଶ୍ରୀ ମୋଦୀଙ୍କ ଦ୍ୱାରା ଏହି ପ୍ଲାଟ୍‌ଫର୍ମ୍‌ର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଦେଶର ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ସମାଧାନ କରି ଏହାକୁ ସଫଳତାରେ ପରିଣତ କରିଛି । ଏହି ପ୍ରଗତି ମଞ୍ଚରେ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ସାମିଲ ହୋଇ ସମସ୍ୟା ସମାଧାନ ଦିଗରେ ନିରନ୍ତର ପଦକ୍ଷେପ ନେଉଛନ୍ତି । ଆଜି ଏହି ଶୃଙ୍ଖଳାରେ ଆସନ୍ତୁ ଜାଣିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ଏମ୍‌ସ ନାଗପୁର ପ୍ରତିଷ୍ଠା ସଂପର୍କରେ

ବିଦର୍ଭ ଅଞ୍ଚଳ ଏବଂ ନାଗପୁର ସହର ପାଇଁ ଉନ୍ନତ ଚିକିତ୍ସା ସେବା ପ୍ରଦାନକୁ ସୁଦୃଢ଼ କରିବାରେ ଏମ୍‌ସ ନାଗପୁରକୁ ମହାରାଷ୍ଟ୍ରର ପୂର୍ବଭାଗରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠା କରାଯାଇଛି । ୨୦୧୫ ଅକ୍ଟୋବର ୭ ତାରିଖରେ ୧ ହଜାର ୫୭୭ କୋଟି ଟଙ୍କା ଅଟକଳରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା ।

୨୦୧୭ ଅଗଷ୍ଟ ୩୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଗତି ବ୍ୟବସ୍ଥା ମାଧ୍ୟମରେ ଏହି ପ୍ରକଳ୍ପର ସ୍ଥିତି ନେଇ ସମୀକ୍ଷା କରିଥିଲେ । କାର୍ଯ୍ୟାନ୍ୱୟନ ସମୟରେ ଡ୍ରେନେଜ୍ ସିଷ୍ଟମ୍‌ର ସ୍ଥାନାନ୍ତରଣ ନେଇ ସମସ୍ୟା ଉପୁଜିଥିଲା । ସମନ୍ୱିତ ଆନ୍ତଃ ଏଜେନ୍ସୀ ପ୍ରୟାସ ମାଧ୍ୟମରେ ଏହାର ସମାଧାନ କରାଯାଇଥିଲା । କେନ୍ଦ୍ରୀୟ ତଦାରଖ ଏବଂ ସୃଷ୍ଟି ଆହ୍ୱାନ ଗୁଡ଼ିକର ସମୟୋଚିତ ସମାଧାନ ସହିତ ୨୦୨୧ ଡିସେମ୍ବର ୩୦ ତାରିଖରେ ପ୍ରକଳ୍ପ କାର୍ଯ୍ୟ ସଂପନ୍ନ ହୋଇଥିଲା । ନାଗପୁର ଏମ୍‌ସର ପ୍ରତିଷ୍ଠା ଏବଂ ସଫଳ କାର୍ଯ୍ୟଦକ୍ଷତା ମହାରାଷ୍ଟ୍ର ଲୋକଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ପ୍ରତିବଦ୍ଧତା ଏବଂ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଉପଲବ୍ଧତାର ସଂକଳ୍ପକୁ ପ୍ରତିଫଳିତ କରୁଛି ।
ପୂର୍ବ ମହାରାଷ୍ଟ୍ରର ନାଗରିକଙ୍କ ପାଖରେ ଉଚ୍ଚ ଗୁଣବତ୍ତା ବିଶେଷ ଚିକିତ୍ସା ସେବା ପହଞ୍ଚାଇବାକୁ ଏହା ସୁନିଶ୍ଚିତ କରୁଛି ।

## ସିବିଆଇ-କରୁର୍ ଷ୍ଟାମ୍ପେଡ୍

କରୁର୍ ଦଳାଚକଟା ଘଟଣାରେ ଆଜି ତାମିଲଗା ଭେଟ୍ରୀ କଜଗମ୍ ଦଳର ମୁଖ୍ୟ ତଥା ଅଭିନେତା ବିଜୟ ନୂଆଦିଲ୍ଲୀ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ- ସିବିଆଇ ନିକଟରେ ହାଜର ହୋଇଛନ୍ତି । ଗତବର୍ଷ ସେପ୍ଟେମ୍ବର ମାସରେ ଏହି ରାଜନୈତିକ ଦଳର ଏକ କାର୍ଯ୍ୟକ୍ରମରେ ଦଳାଚକଟା ଘଟି ୪୧ ଜଣଙ୍କର ମୃତ୍ୟୁ ଘଟିଥିଲା । ପରେ ଏହି ଘଟଣାର ତଦନ୍ତ ଲାଗି ସିବିଆଇକୁ ଦାୟିତ୍ୱ ଦିଆଯାଇଥିଲା ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଆଣ୍ଟିବାଓଟିକ୍ସର ଅପବ୍ୟବହାର ଓ ଏହାର କୁପରିଣାମ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍ସର ପୂର୍ବତନ ଭେଷଜ ବିଭାଗ ମୁଖ୍ୟ ଡାକ୍ତର ଏସ୍.କେ ଶର୍ମା ଏବଂ ଲେଡି ହେର୍ଡିଂଜେ ହସ୍ପିଟାଲର ଭେଷଜ ବିଭାଗ ମୁଖ୍ୟ ଡାକ୍ତର ଅନୁପମ ପ୍ରକାଶ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

---

# ଡବ୍ଲୁପିଏଲ୍

ମହିଳା ପ୍ରିମିୟର ଲିଗ୍ର ଆଜି ପଞ୍ଚମ ମ୍ୟାଚ୍ରେ ନବୀ ମୁମ୍ବାଇର ଡକ୍ଟର ଡି.ୱାଇ. ପାଟିଲ କ୍ରୀଡ଼ା ଏକାଡେମୀରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ୟୁପି ୱାରିଅର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ଧ୍ୟା ୭ଟା ୩୦ ମିନିଟ୍ରେ ମ୍ୟାଚ୍ ଖେଳାଯିବ ।

ଗତସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍ରେ ଗୁଜରାଟ ଜାଏଣ୍ଟ୍ସ ୪ ରନ୍ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା ।

---

# ହକି

ପୁରୁଷ ହକି ଇଣ୍ଡିଆ ଲିଗ୍‌ର ସପ୍ତମ ସଂସ୍କରଣରେ ଓଡ଼ିଶାର କଳିଙ୍ଗ ଲାନ୍‌ସର୍ସ ଓ ରାଞ୍ଚି ରୟାଲ୍‌ସ ବିଜୟ ହାସଲ କରିଛନ୍ତି । ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କଳିଙ୍ଗ ଲାନ୍‌ସର୍ସ ସୁଟ୍‌ଆଉଟ୍ ଜରିଆରେ ୩-୧ ଗୋଲ୍‌ରେ ହିଲ୍ ଗଭର୍ଣ୍ଣିଂ କାଉନ୍‌ସିଲ୍‌କୁ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ରାଞ୍ଚି ରୟାଲ୍‌ସ ୩-୧ ଗୋଲ୍‌ରେ ବେଙ୍ଗଲ୍ ଟାଇଗର୍ସକୁ ପରାସ୍ତ କରିଛି ।

ଆଜି ଅପରାହ୍ନ ୫ଟାରେ ଏସ୍‌ଜି ପାଇପର୍ସ ଓ ହାଇଦ୍ରାବାଦ ତୋଫାନ୍ସ ଏବଂ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ହିଲ୍ ଗଭର୍ଣ୍ଣିଂ କାଉନ୍‌ସିଲ୍ ଓ ଆକର୍ଡ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

---